# ଗ୍ରାମୀଣ କୃଷି ମୌସମ ସେବା, ଭବାନୀପାଟଣା, କଳାହାଣ୍ଡି

## ଜିଲ୍ଲା ସ୍ତରୀୟ ପାଣିପାଗ ଭିତିକ କୃଷି ଉପଦେଶ ସେବା

## ପଶ୍ଚିମ ମାଳ ଅଂଚଳ, ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , (ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ)

## ଭବାନୀପାଟଣା

---

**ପତ୍ର ସଂ - ୧୧ ସପ୍ତାହ- ୦୭ ତାରିଖ- ୧୩.୦୨.୨୦୧୮**

### ପାଣିପାଗ ଭିତିକ କୃଷି ଉପଦେଶ - ନୂଆପଡା ଜିଲ୍ଲା ନିମନ୍ତେ

**ପାଣିପାଗ ପୂର୍ବାନୁମାନ - ୧୪.୦୨.୨୦୧୮ ରୁ ୧୮.୦୨.୨୦୧୮ ପର୍ଯ୍ୟନ୍ତ:**

ଆସନ୍ତା ୧୮.୦୨.୨୦୧୮ ମଧ୍ଯରୁ ତା.୧୪.୦୨.୨୦୧୮ ଦିନ ନୂଆପଡା ଜିଲ୍ଲା ର କେତେକ ସ୍ଥାନ ରେ ମାଧମ ଧାରଣା ରେ ବର୍ଷା ହେବା ସମ୍ଭାବନା ଥିବା ସମୟରେ ତା.୧୫.୦୨.୨୦୧୮ ରୁ ୧୮.୦୨.୨୦୧୮ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବା ସମ୍ଭାବନା ଅଛି. ଏହି ସମୟରେ ଆକାଶ ଅଙ୍ଗଶିକା ରୁ ମୁଖ୍ୟତ ମେଘୁଆ ରହିବା ସମ୍ଭାବନା ଅଛି. ପବନ ଉତ୍ତର-ପୂର୍ବ, ଦକ୍ଷିଣ-ପୂର୍ବ ଓ ଉତ୍ତର-ପଶ୍ଚିମ ଦିଗରୁ ଘଣ୍ଟା ପ୍ରତି ୦୦୩-୦୦୪ କି.ମି. ବେଗ ରେ ବୋହିବା ସମ୍ଭାବନା ଅଛି.ଏହି ସମୟ ରେ ଦିନ ର ସର୍ବାଧିକ ତାପମାତ୍ରା ୩୨-୩୪ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୧୨-୧୬ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୪୫-୭୧ % ଓ ୧୩-୨୫ % ରହିବା ସମ୍ଭାବନା ଅଛି.

**ଡ଼ାଲୁଅ ଧାନ:**

- ତାଲିଘେରା ରେ ଧାନ ତଳି ତିନି ସପ୍ତାହ ଅବସ୍ଥା ରେ ଅଛି. ସମ୍ଭାବ୍ୟ ବର୍ଷା କୁ ଦେଖି ଡ଼ାଲୁଅ ଧାନ ରେ ଜଳସେଚନ ର ଯୋଜନା କରନ୍ତୁ.
- ଡ଼ାଲୁଅ ଧାନ ମୁଖ୍ୟ ଜମି ରେ ଚେର ଲାଗିବାରୁ ତିନି ସପ୍ତାହ ଅବସ୍ଥା ରେ ଅଛି.
- ଡ଼ାଲୁଅ ଧାନ ୩ ସପ୍ତାହ ହୋଇଗଲେ ଘଷା ବାଛି ଦିଅନ୍ତୁ ଓ ଏକରକୁ ସହଳ କିସମ ରେ ୨୫ କିଲୋ ୟୁରିଆ ଓ ମଧ୍ୟମ କିସମ ରେ ୩୫ କିଲୋ ୟୁରିଆ ସାର ପ୍ରୟୋଗ କରନ୍ତୁ.
- ଡ଼ାଲୁଅ ଧାନ ରେ ଘଷା ନିଅନ୍ତ୍ରଣା ପାଇଁ ୨୦-୨୫ ଦିନ ମଧ୍ୟରେ ଏକର କୁ ୨,୪-ଡ଼ି ethyl ester ୮୦୦ମିଲି ଔଷଧ ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ.

**ଆଖୁ :**

- ଆଖୁ ବର୍ତମାନ ପାକଳ ହେବା (୫୦-୫୨ ସପ୍ତାହ) ଅବସ୍ଥା ରେ ଅଛି. ବର୍ଷା ହେବା ସମ୍ଭାବନା ଥିବାରୁ ଆଖୁ ଅମଳ କରି ସୁରକ୍ଷିତ ସ୍ଥାନ ରେ ଘୋଡାଇ ରଖନ୍ତୁ.
- ଆଖୁ ପତ୍ର ହଳଦିଆ ପଡିଗଲେ ଓ ବୃକ୍ସ ମିଟର ୧୮-୨୦ ସୂଚନାଙ୍କ ହେଲେ ଅମଳ କରି ଶୀଘ୍ର ଚିନି କିମ୍ବା ଗୁଡ ଅମଳ କରନ୍ତୁ.
- ଆଖୁ ଚାଷ ପାଇଁ ଜମି କୁ ଗଭୀର ଚାଷ କରନ୍ତୁ.
- ସୁସ୍ଥ ଓ ତିନି ଅଖିଆ ଆଖୁ ବିହନ କିସମ ନୀଳମାଧବ,ସାବିତ୍ରୀ,Co ୭୫୦୮, Co ୭୭୦୪, Co ୬୨୧୭୫ , Co ୭୪୦ , Co ୭୨୧୯ , CoJ ୮୨୦୧ , Co ୯୭୫ , Co ୭୭୦ 6, Co ୮୪୦୧ , Co ୬୨୧୭୫ ଇତିଆଦି ବ୍ୟବହାର କରନ୍ତୁ.
- ଆଖୁ ବିହନ କୁ ୧ ଲିଟର ପାଣି ରେ ୧ ଗ୍ରାମ ବାଭିଷ୍ଟିନ ମିଶାଇ ଲଗାଇବା ପୂର୍ବ ରୁ ୧୦-୧୫ ମିନିଟ ବୁଡାଇ ରଖନ୍ତୁ.
- ଶେଷ ଓଡ ଚାଷ ପୂର୍ବରୁ ଏକରକୁ ୧୦ଟନ ଗୋବର ଖାତା ଓ ୧୩୦ କିଲୋ ଏସ.ଏସ.ପି. ସାର ପ୍ରୟୋଗ କରନ୍ତୁ. ଗଜା ହେବ ସମୟରେ ୭ ଦିନ ଅନ୍ତର ରେ ଜଳସେଚନ କରନ୍ତୁ.

- ମୁଳି ଆଖୁ ଚାଷ ପାଇଁ ଜମି ରୁ ଶୁଖିଲା ପତ୍ର ସଫା କରି ଜଳସେଚନ କରନ୍ତୁ ଓ ପାଗ ହେବ ପରେ ଚାଷ କରନ୍ତୁ. ଏହାପରେ ଏକରକୁ ୫୦କିଲୋ ୟୁରିଆ ଓ ୫୦ କିଲୋ ଡି. ଏ.ପି. ଓ ଗୋବର ଖତ ପ୍ରୟୋଗ କରନ୍ତୁ. ୧୫ ଦିନ ପରେ ଶୂନ୍ୟ ସ୍ଥାନ ପୁରାଣ କରନ୍ତୁ.

**ମୁଗ ଓ ବିରି**

- ମୁଗ ଓ ବିରି ୬-୮  ସପ୍ତାହ ଅବସ୍ଥା ରେ ଅଛି.
- ମୁଗ ଓ ବିରି ରେ ପାଉଁଶିଆ ରୋଗ ର ଦମନ ପାଇଁ  ଏକର ପ୍ରତି ୬୦୦ଗ୍ରାମ ୮୦% sulphur କିମ୍ବା ୩୦୦ଗ୍ରାମ କାରବେଣ୍ଡଜ଼ୀମ କୁ ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ.
- ମୁଗ ଓ ବିରି ରେ ସହେବି ରୋଗ ଲାଗିଲେ ଆକ୍ରାନ୍ତ ଗଛ ଓପାଡି ନଷ୍ଟ କରି ଦିଅନ୍ତୁ ଓ ଏହାର ନିଅନ୍ତ୍ରଣା ପାଇଁ ଏକରକୁ ୪୦୦ଗ୍ରାମ ଏସିଫେଟ ୭୫% ଏସ.ପି. କିମ୍ବା ୫୦ମିଲି ଇମିଡ଼କ୍ଲପ୍ରିଡ଼ ୨୫% W. G. କୁ ୨୦୦ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ.

**ପିଆଜ:**

- ମୁଖ୍ୟ ଜମି ରେ ରୁଆ ଯାଇଥିବା ପିଆଜ ବର୍ତମାନ ୫- ୭ ସପ୍ତାହ ଅବସ୍ଥା ରେ ଅଛି.
- ମୁଖ୍ୟ ଜମି ରେ ରୁଆ ଯାଇଥିବା ପିଆଜ  ୭ ସପ୍ତାହ ହୋଇଗଲେ କୋଡା ଖୋସା କରି ଏକରକୁ  ୨୩  କିଲୋ ୟୁରିଆ ପ୍ରୟୋଗ କରନ୍ତୁ ଓ ଜଳସେଚନ କରନ୍ତୁ.

**ଟମାଟୋ:**

- ମୁଖ୍ୟ ଜମି ରେ ଟମାଟୋ ୧୦-୧୨ ସପ୍ତାହ ଅବସ୍ଥା ରେ ଅଛି.
- ଟମାଟୋ ର ପତ୍ର ମୋଚା ରୋଗ ନିଅନ୍ତ୍ରଣ ପାଇଁ ଧଳା ମାଛି ନିଅନ୍ତ୍ରଣ କରନ୍ତୁ.ଏହାର ନିଅନ୍ତ୍ରଣ ପାଇଁ  ଏକର କୁ ୪୦୦ଗ୍ରାମ acephate ୭୫% SP  କିମ୍ବା ୫୦ମିଲି imidacloprid  ୧୭.୮% SL କିମ୍ବା ୬୦ଗ୍ରାମ thiomethaxome ୨୫% WG କୁ ୨୦୦ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ.

**ଫୁଲ କୋବି ଓ ବନ୍ଧା କୋବି:**

- ମୁଖ୍ୟ ଜମି ରେ ବନ୍ଧାକୋବି ଓ ଫୁଲ କୋବି ୧୧-୧୨ ସପ୍ତାହ ଅବସ୍ଥା ରେ ଅଛି.
- ଠିକୀରିଆ ପୋକ ଦମନ ପାଇଁ ଏକର କୁ ୫୦ ମିଲି flubendiamide ଔଷଧ କୁ ୨୦୦ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ.

**ସହଯୋଗୀ ଗବେଷଣା ନିର୍ଦେଶକ ଓ ନୋଡାଲ ଅଫିସର**
**ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା**